ଗୋ-ମିତ୍ର ବିଶେଷାଙ୍କ

# ବିକାଶ



(ଓଡ଼ିଶା ପଶୁସମ୍ପଦ ବିକାଶ ସମିତିର ଦ୍ୱିମାସିକ ମୁଖପତ୍ର)

୨୦୦୬ ମସିହା ୨ ୟ ବର୍ଷ ଡିସେମ୍ବର-ଜାନୁଆରୀ ଓ ଫେବୃୟାରୀ-ମାର୍ଚ୍ଚ | କଟକ, ଓଡ଼ିଶା | ସଂଖ୍ୟା - ୧

''କାମ ୟେ ଦୁଃଖତପ୍ତାନାଂ ପ୍ରାଣୀନାଂ ଆର୍ତ୍ତିନାଶନମ୍''

## ଜାତୀୟ ଗୋ-ପ୍ରଜନନ ଯୋଜନାରେ ଜିଲ୍ଲାସ୍ତରୀୟ କର୍ମଶାଳା

କଟକ, ଜଗତସିଂହପୁର, ଅନୁଗୁଳ, ନୟାଗଡ଼, ସୁନ୍ଦରଗଡ଼ ଇତ୍ୟାଦି ଜିଲ୍ଲାଗୁଡ଼ିକରେ ଜିଲ୍ଲାସ୍ତରୀୟ ଗୋ-ପ୍ରଜନନ ଯୋଜନାର କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ଜିଲ୍ଲାର ଜିଲ୍ଲାପାଳ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକଙ୍କ ସମେତ ବହୁ ଅଗ୍ରଣୀ ଚାଷୀ ତଥା ଗୋପାଳକ ଏବଂ ଲୋକ ପ୍ରତିନିଧିମାନେ ଏହି କର୍ମଶାଳାରେ ଅଂଶ ଗ୍ରହଣ କରି ଜାତୀୟ ଗୋ-ପ୍ରଜନନ ଯୋଜନାର ଆଭିମୁଖ୍ୟ ଉପରେ ଆଲୋଚନା କରିଥିଲେ। ଜିଲ୍ଲାର ମୁଖ୍ୟ ଜିଲ୍ଲା ପଶୁ ଚିକିତ୍ସା ଅଧିକାରୀ ଏହି ଯୋଜନାର ସଫଳ ରୂପାୟନ ପାଇଁ ବିଭାଗୀୟ ପଦକ୍ଷେପଗୁଡ଼ିକ ଉପରେ ଆଲୋଚନା କରିବା ସହିତ ରାଜ୍ୟରେ ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇଁ କୃତ୍ରିମ ପ୍ରଜନନ ସେବାକୁ ବ୍ୟାପକ କରିବା ନିମନ୍ତେ ଜନ ସହଯୋଗ ଲୋଡ଼ା ଗୁରୁତ୍ୱ ଆରୋପ କରିଥିଲେ। ଏହି କର୍ମଶାଳାରେ ଜାତୀୟ ଗୋ-ପ୍ରଜନନ ଯୋଜନାର ଭାରପ୍ରାପ୍ତ ଅଧିକାରୀ, ଯୁଗ୍ମନିର୍ଦ୍ଦେଶକ ଓ ଅନ୍ୟାନ୍ୟ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ।

## ବାର୍ଡ ଫ୍ଲୁର ଆତଙ୍କ ନେଇ ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା ବୈଠକ

ତା୨୦।୨।୦୪ରିଖ ଦିନ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ପ୍ରକୋଷ୍ଠରେ ରାଜ୍ୟର ବାର୍ଡ ଫ୍ଲୁ ରୋଗର ଆତଙ୍କ ପରିସ୍ଥିତି ସୃଷ୍ଟି ନେଇ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ରୋଗର ଆତଙ୍କକୁ ରୋକିବା ସହିତ ଆଗାମୀ ଭବିଷ୍ୟତରେ ଏହି ବାର୍ଡ ଫ୍ଲୁ ରୋଗର ସମ୍ଭାବନାକୁ ଏଡ଼ାଇବା ପାଇଁ ସଜାଗ ରହିବା ସଙ୍ଗେ ସଙ୍ଗେ ଆବଶ୍ୟକୀୟ ପ୍ରତିଷେଧମୂଳକ ପଦକ୍ଷେପ ଗ୍ରହଣ କରିବାକୁ ବିଭାଗୀୟ କର୍ମକର୍ତ୍ତାଙ୍କୁ ପରାମର୍ଶ ଦେଇଥିଲେ।

ଏହି ସମୀକ୍ଷା ବୈଠକରେ ମତ୍ସ୍ୟ ଓ ପଶୁସମ୍ପଦ ବିକାଶ ମନ୍ତ୍ରୀ ଶ୍ରୀଯୁକ୍ତ ଗୋଲକ ବିହାରୀ ନାଏକ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଶ୍ରୀଯୁକ୍ତ ବିଜୟଶ୍ରୀ ରାଉତରାୟ ବିଭାଗୀୟ ସଚିବ, ନିର୍ଦ୍ଦେଶକ ପ୍ରମୁଖଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗର ପ୍ରମୁଖ ସଚିବ, ନିର୍ଦ୍ଦେଶକଙ୍କ ସମେତ ଉଚ୍ଚପଦସ୍ଥ ଅଫିସରମାନେ ଯୋଗଦାନ କରିଥିଲେ।

ତା୨୮.୨.୦୬ରିଖରେ ଭିଡ଼ିଓ କନ୍‌ଫେରେନ୍ସ କାର୍ଯ୍ୟକ୍ରମ ମାଧ୍ୟମରେ ୩୦ ଗୋଟି ଜିଲ୍ଲାର ମୁଖ୍ୟ ଜିଲ୍ଲା ପଶୁଚିକିତ୍ସା ଅଧିକାରୀ ଏବଂ ମୁଖ୍ୟ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ସହିତ ବାର୍ଡ ଫ୍ଲୁ ରୋଗ ଓ ଏହାର ସତର୍କତା ଅବଲମ୍ବନ ନେଇ ଆଲୋଚନା କରାଯାଇଥିଲା।

## ବାର୍ତ୍ତା



ପଶୁ ସଂପଦ ବିକାଶ ସମିତିର ଦ୍ୱିମାସିକ ମୁଖପତ୍ର 'ବିକାଶ'ର 'ଗୋ-ମିତ୍ର ବିଶେଷାଙ୍କ' ପ୍ରକାଶନ ଉପଲକ୍ଷେ ମୁଁ ବିଭାଗୀୟ କର୍ମକର୍ତ୍ତା, ପାଠକପାଠିକା ତଥା ଗୋମିତ୍ରମାନଙ୍କୁ ଆନ୍ତରିକ ଶୁଭେଚ୍ଛା ସହ ଅଭିନନ୍ଦନ ଜଣାଉଅଛି।

ଜାତୀୟ ଗୋପ୍ରଜନନ ଯୋଜନାରେ ନିୟୋଜିତ ଗୋ-ମିତ୍ରଙ୍କ ସଫଳ କାହାଣୀ ଉପରେ ପର୍ଯ୍ୟବେଶିତ ବିକାଶର ଏହି ସଂସ୍କରଣରେ ନିଶ୍ଚୟ ସେମାନଙ୍କୁ ଉତ୍ସାହିତ କରିବା ସଂଗେ ସଂଗେ ଆତ୍ମନିର୍ଭରଶୀଳ କରିବାର ମାର୍ଗ ଦେଖାଇବା ସହିତ ଗୋ-ସମ୍ପଦ ବିକାଶ କ୍ଷେତ୍ରରେ ଯଥେଷ୍ଟ ସହାୟକ ହୋଇପାରିବ ବୋଲି ମୋର ଆଶା ଓ ଦୃଢ଼ ବିଶ୍ୱାସ।

ଶ୍ରୀ ସି. କେ. ବେଣୁଗୋପାଳ, ଆଇ.ଏ.ଏସ୍.
ସଚିବ, ପଶୁ ସମ୍ପଦ ବିକାଶ ବିଭାଗ

## ସଂପାଦକୀୟ ...



ଆମ ରାଜ୍ୟର ଅଧିକାଂଶ ଲୋକ କୃଷି ଓ ପଶୁପାଳନ ଉପରେ ନିର୍ଭର କରି ନିଜର ଜୀବିକା ନିର୍ବାହ କରନ୍ତି। ପଶୁପାଳନ ମଧ୍ୟରେ ଗୋ-ମଇଁଷି ପାଳନରୁ ସର୍ବାଧିକ ଆୟ ବା ଶତକଡ଼ା ୭୫ ଭାଗ ମିଳିଥାଏ। ଗୁଣାତ୍ମକ ମାନ ଓ ମୂଲ୍ୟ ଦୃଷ୍ଟିରୁ ଦୁଗ୍ଧ ହେଉଛି ମାନବର ଶ୍ରେଷ୍ଠ ଆଦର୍ଶ ଖାଦ୍ୟ। ଆମ ରାଜ୍ୟରେ ଦେଶୀ ଗାଈ ସଂଖ୍ୟା ଅଧିକ ଥିବାରୁ ଆମେ ଦୁଗ୍ଧ ଉତ୍ପାଦନରେ ଜାତୀୟ ସ୍ତରଠାରୁ ବହୁତ ପଛରେ ରହିଛୁ। ତେଣୁ ଦୁଗ୍ଧ ଉତ୍ପାଦନକୁ ଜାତୀୟ ସ୍ତରରେ ପହଞ୍ଚାଇବାକୁ ହେଲେ ଦେଶୀଗାଈରୁ କୃତ୍ରିମ ପ୍ରଜନନ ସେବା ମାଧ୍ୟମରେ ଅଧିକ ଉତ୍ପାଦନକ୍ଷମ ଦୁଧିଆଳୀ ଗାଈ ସୃଷ୍ଟି କରିବାକୁ ପଡ଼ିବ। ସେଥିପାଇଁ ଆମ ରାଜ୍ୟରେ ଗୋ-ସଂପଦର ବିକାଶ ପାଇଁ ଜାତୀୟ ଗୋ-ପ୍ରଜନନ ଯୋଜନା ବା ଏନ୍.ପି.ସି.ବି.ବି. କାର୍ଯ୍ୟକାରୀ ହେଉଅଛି।

ଏହି ଯୋଜନାରେ ଗ୍ରାମାଞ୍ଚଳର ବେକାର ଯୁବକ ଓ ଯୁବତୀଙ୍କୁ ଆତ୍ମନିର୍ଭରଶୀଳତାର ମାର୍ଗ ଦେଖାଇବା ପାଇଁ ଗୋ-ମିତ୍ର ପଦବୀ ସୃଷ୍ଟି କରାଯାଇ କୃତ୍ରିମ ପ୍ରଜନନ ସେବାକୁ ଗୋପାଳକଙ୍କ ଦ୍ୱାର ଦେଶରେ ଉପଲବ୍ଧ କରାଯାଇ ପାରିଛି। ଏହି କାର୍ଯ୍ୟରେ ନିୟୋଜିତ ଗୋ-ମିତ୍ରମାନେ ଆଶାନୁରୂପ ସଫଳତା ହାସଲ କରିଛନ୍ତି। ତେଣୁ ବର୍ତ୍ତମାନ ଜାତୀୟ ଗୋ-ପ୍ରଜନନରେ ନିୟୋଜିତ ଗୋ-ମିତ୍ରମାନଙ୍କର ସଫଳତା ବା କୃତିତ୍ୱ କାହାଣୀ ଉପରେ ଆଧାରିତ ବିକାଶର ଗୋ-ମିତ୍ର ବିଶେଷାଙ୍କ ସଂସ୍କରଣ ପ୍ରକାଶ କରୁଛୁ।

ଆମ ରାଜ୍ୟରେ ବାର୍ଡ-ଫ୍ଲୁ ରୋଗର ଆତଙ୍କ କୁକୁଡ଼ା ଶିଳ୍ପର ବିକାଶରେ ପ୍ରତିବନ୍ଧକ ସୃଷ୍ଟି କରିଛି। ସେଥିପାଇଁ ସତର୍କତା ଅବଲମ୍ବନ ପୂର୍ବକ ବାହାର ରାଜ୍ୟରୁ କୁକୁଡ଼ା ଓ କୁକୁଡ଼ାଜାତ ଦ୍ରବ୍ୟର ଆମଦାନୀ ଉପରେ କଟକଣା ଜାରି ରଖାଯାଇଛି। ବର୍ତ୍ତମାନ ସୁଦ୍ଧା ଆମ ରାଜ୍ୟରେ ବିଭିନ୍ନ ସ୍ଥାନରୁ କୁକୁଡ଼ାଙ୍କ ଠାରୁ ରକ୍ତ ସଂଗ୍ରହ କରି ପରୀକ୍ଷା କରାଗଲା ପରେ କୁକୁଡ଼ାଙ୍କ ଠାରେ ଏହି ରୋଗର ଜୀବାଣୁ ନାହିଁ ବୋଲି ଜଣା ପଡ଼ିଛି। ତେଣୁ ଆମର ସମସ୍ତ କୁକୁଡ଼ା ଚାଷୀ ତଥା ଖାଉଟିମାନଙ୍କୁ ଅନୁରୋଧ ଯେ, ଅଯଥାରେ କୌଣସି ଗୁଜବରେ ଆତଙ୍କିତ ନହୋଇ କୁକୁଡ଼ା ପାଳନ କ୍ଷେତ୍ରରେ ନୂତନ ଆଗ୍ରହ ସୃଷ୍ଟି କରିବା ସହିତ ରାଜ୍ୟର ସମୃଦ୍ଧିରେ ସହଯୋଗ କରନ୍ତୁ।

ବିଜୟ କୁମାର ଧଳ, ଆଇ.ଏ.ଏସ୍.
ନିର୍ଦ୍ଦେଶକ, ପଶୁ ପାଳନ ଓ ପଶୁ ଚିକିତ୍ସା ନିର୍ଦ୍ଦେଶାଳୟ, ଓଡ଼ିଶା, କଟକ


## ବିଜ୍ଞାପନ

ପଶୁପାଳନ ଓ ପଶୁଚିକିତ୍ସା ନିର୍ଦ୍ଦେଶାଳୟ, ଓଡ଼ିଶା, କଟକ

ବିଶେଷ ସୂଚନା :- ଓଡ଼ିଶାରେ 'ବାର୍ଡ ଫ୍ଲୁ' ରୋଗ ନାହିଁ

୧. ଏ ପର୍ଯ୍ୟନ୍ତ ଆମ ରାଜ୍ୟରେ 'ବାର୍ଡ ଫ୍ଲୁ' ରୋଗ ଦେଖାଯାଇନାହିଁ ।
୨. ଏହି ରୋଗକୁ ପ୍ରତିରୋଧ କରିବା ପାଇଁ ସରକାର ସବୁ ପ୍ରକାର ପ୍ରତିଷେଧକ ପଦକ୍ଷେପ ନେଇଛନ୍ତି ।
୩. ଉପଯୁକ୍ତ ରନ୍ଧନ ପ୍ରଣାଳୀରେ କୁକୁଡ଼ା ମାଂସ ଓ ଅଣ୍ଡା ଖାଇବା ଦ୍ୱାରା 'ବାର୍ଡ ଫ୍ଲୁ' ରୋଗ ହେବାର ଆଦୌ ସମ୍ଭାବନା ନାହିଁ ।

ନିର୍ଦ୍ଦେଶକ
ପଶୁପାଳନ ଓ ପଶୁଚିକିତ୍ସା ବିଭାଗ


କୃତ୍ରିମ ଉପାୟେ କଲେ ପ୍ରଜନନ, ନିଶ୍ଚୟ ମିଳିବ ଉନ୍ନତ ଗୋଧନ।